# NATIONAL NEWS BULLETIN (ODIA)
## 23 November - 2024
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ପୁନଶ୍ଚ ବହୁମତ ପାଇଥିବା ବେଳେ ଜେ.ଏମ୍.ଏମ୍. ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଝାଡ଼ଖଣ୍ଡରେ କ୍ଷମତାସୀନ ହେବାର ସମ୍ଭାବନା ।
- ବିଜେପିକୁ ଐତିହାସିକ ଜନାଦେଶ ମିଳିବା ପରେ ମହାରାଷ୍ଟ୍ରବାସୀଙ୍କୁ କୃତଜ୍ଞତା ଜଣାଇବା ସହ ଝାଡ଼ଖଣ୍ଡରେ ସମର୍ଥନ ଦେଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ପ୍ରଧାନମନ୍ତ୍ରୀ ।
- ଗୁରୁ ତେଗ୍ ବାହାଦୂରଙ୍କ ଜୀବନାଦର୍ଶ ଏବଂ ଉପଦେଶକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବା ଲାଗି ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ ।
- ସମବାୟ ମାଧ୍ୟମରେ ଦେଶର କୋଟି କୋଟି କୃଷକଙ୍କ ଜୀବନଧାରଣ ଗୁଣବତ୍ତାକୁ ସମୃଦ୍ଧ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ସମବାୟ ମନ୍ତ୍ରୀ ।

ଏବଂ

- ପର୍ଥ ଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ୱିକେଟ୍ ନ ହରାଇ କରିଛି ୧୭୨ରନ୍ ।

## ମହାରାଷ୍ଟ୍ର-ଝାଡ଼ଖଣ୍ଡ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ପୁନଶ୍ଚ କ୍ଷମତାକୁ ଫେରିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ଅନ୍ୟ ପକ୍ଷରେ ଝାଡ଼ଖଣ୍ଡରେ ଜେ.ଏମ୍.ଏମ୍. ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ବିଜୟ ଆଡ଼କୁ ଅଗ୍ରସର ହେଉଛି ।

ମିଳିଥିବା ସୂଚନା ଅନୁଯାୟୀ ମହାରାଷ୍ଟ୍ରରେ ସମସ୍ତ୨୮୮ଟି ଯାକ ବିଧାନସଭା ଆସନ ଲାଗି ହୋଇଥିବା ନିର୍ବାଚନରେ ମହାୟୁତି ମେଣ୍ଟ ମୋଟ୍ ୨୨୭ଟିରେ ବିଜୟ ଲାଭ କରିଛି । ଏହି ମେଣ୍ଟର ଭାଗିଦାର ବିଜେପି ୧୩୨ଟିରେ ବିଜୟ ହାସଲ କରିଥିବା ବେଳେ ଶିବସେନା ୫୪ଟିରେ ଏବଂ ଏନ୍.ସି.ପି. ୪୧ଟି ଆସନରେ ବିଜୟୀ ହୋଇଛି ।

ଅନ୍ୟପକ୍ଷରେ ଶିବସେନାର ଉଦ୍ଧବ ଠାକରେ ଗୋଷ୍ଠୀକୁ ୨୧ଟି ଆସନ ମିଳିଥିବା ବେଳେ ଏନ୍.ସି.ପି. ଶରଦ ପାୱାର ଦଳକୁ ୧୦ଟି

ଆସନ ମିଳିଛି । କଂଗ୍ରେସ ଏହି ନିର୍ବାଚନରେ ୧୭ଟି ଆସନରେ ବିଜୟୀ ହୋଇଥିବା ଜଣାଯାଇଛି ।

ସେହିଭଳି ଝାଡ଼ଖଣ୍ଡର ମୋଟ୍ ୮୧ଟି ଆସନ ମଧ୍ୟରୁ ଜେ.ଏମ୍.ଏମ୍. ୩୪ଟିରେ ଏବଂ କଂଗ୍ରେସ ୧୬ଟି ଆସନରେ ବିଜୟ ଲାଭ କରିଛନ୍ତି । ଆର୍.ଜେ.ଡି. ମଧ୍ୟ ୪ଟି ଆସନରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ବିଜେପି ୨୧ଟି ଆସନରେ ଜିତିଥିବା ବେଳେ ଏ.ଜେ.ଏସ୍.ୟୁ.କୁ ଗୋଟିଏ ଆସନ ମିଳିଛି ।

## ବାଇ ପୋଲ୍ କାଉଣ୍ଟିଂ

କେରଳର ଓ୍ୱାୟନାଡ୍ ଏବଂ ମହାରାଷ୍ଟ୍ରର ନାନ୍ଦେଡ୍ ଲୋକସଭା ଆସନ ସମେତ ୧୪ଟି ରାଜ୍ୟର ୪୮ଟି ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନର ଫଳାଫଳ ଆଜି ଘୋଷଣା କରାଯାଇଛି । ଓ୍ୱାୟନାଡ୍ ଆସନରୁ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧି ଭଦ୍ରା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ସି.ପି.ଆଇ.ର ସାଥିୟାନ୍ ମୋକେରିଙ୍କ ନିକଟରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍‌ରେ ଆଗୁଆ ରହିଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଗତ ଲୋକସଭା ନିର୍ବାଚନରେ ଏକ ସଙ୍ଗେ ରାଇବରେଲି ଓ ଓ୍ୱାୟନାଡ୍ ଆସନରୁ  ବିଜୟ ଲାଭ କରିବା ପରେ ସେ ଓ୍ୱାୟନାଡ୍ ଆସନରୁ ଇସ୍ତଫା ଦେଇଥିଲେ ।

ଅନ୍ୟ ପକ୍ଷରେ ନାନ୍ଦେଡ୍ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଡକ୍ଟର ସନ୍ତୁକ ରାଓ ହେମ୍ବାର୍‌ଦେ ତାଙ୍କର ନିକଟତମ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱି ରବୀନ୍ଦ୍ର ଚୌହାନଙ୍କ ଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍‌ରେ ଅଗ୍ରଣୀ ରହିଛନ୍ତି । ଏହି ଆସନରୁ ସାଂସଦ ଥିବା କଂଗ୍ରେସର ବସନ୍ତ ଚୌହାନଙ୍କର ଗତ ଅଗଷ୍ଟ ୨୬ ତାରିଖରେ ମୃତ୍ୟୁ ପରେ ଏହା ଖାଲି ପଡ଼ିଥିଲା ।

ପଶ୍ଚିମବଙ୍ଗରେ ଅନୁଷ୍ଠିତ ଉପନିର୍ବାଚନରେ ୬ଟି ଯାକ ଆସନରେ ଶାସକ  ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବିହାରରେ ୪ଟି ଯାକ ଆସନ ଏନ୍.ଡି.ଏ. ସପକ୍ଷରେ ଯାଇଛି । ପଞ୍ଜାବରେ ମୋଟ୍ ୪ଟି ଆସନରୁ ଶାସକ ଆପ୍ ତିନୋଟିରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ଗୋଟିଏ ଆସନ ପାଇଛି । ଛତିଶଗଡ଼ରେ ରାଇପୁର ସହର ଦକ୍ଷିଣ ଆସନଟି ଶାସକ ବିଜେପି ସପକ୍ଷରେ ଯାଇଛି ।

ସେହିଭଳି କର୍ଣ୍ଣାଟକରେ ତିନୋଟି ଯାକ ଆସନ ଶାସକ କଂଗ୍ରେସ ପାଇଥିବା ବେଳେ ମେଘାଳୟରେ ଏକମାତ୍ର ଆସନ ଲାଗି ଅନୁଷ୍ଠିତ ଉପନିର୍ବାଚନରେ ଶାସକ ଏନ୍.ପି.ପି. ବିଜୟୀ ହୋଇଛି । ଉତ୍ତରାଖଣ୍ଡରେ ଏକମାତ୍ର ଆସନ ବିଜେପି ସପକ୍ଷରେ ଯାଇଥିବା ବେଳେ କେରଳରେ ଉଭୟ କଂଗ୍ରେସ ଓ ସି.ପି.ଆଇ.ଏମ୍. ଗୋଟିଏ ଲେଖାଏଁ ଆସନ ପାଇଛନ୍ତି ।

ଅନ୍ୟ ପକ୍ଷରେ ଗୁଜରାଟରେ ଅନୁଷ୍ଠିତ ଉପନିର୍ବାଚନରେ ଏକମାତ୍ର ଆସନ ବିଜେପି ସପକ୍ଷରେ ଯାଇଥିବା ବେଳେ ଆସାମରେ ବିଜେପି, ୟୁ.ପି.ପି.-ଲିବରାଲ୍ ଓ ଆସାମ ଗଣପରିଷଦ ଗୋଟିଏ ଲେଖାଏଁ ଆସନ ପାଇଥିବା ବେଳେ ବାକି ଦୁଇଟି ଆସନରେ ବିଜେପି ଅଗ୍ରଣୀ ରହିଥିବା ଜଣାଯାଇଛି ।

ଏତଦ୍‌ବ୍ୟତୀତ ଉତ୍ତରପ୍ରଦେଶରେ ଅନୁଷ୍ଠିତ ଉପନିର୍ବାଚନରେ ୯ଟି ଆସନ ମଧ୍ୟରୁ ଶାସକ ବିଜେପି ୩ଟିରେ ବିଜୟୀ ହୋଇଥିବା ବେଳେ ଅନ୍ୟ ତିନୋଟିରେ ଅଗ୍ରଣୀ ରହିଛି । ସମାଜବାଦୀ ପାର୍ଟି ଦୁଇଟି ଆସନ ପାଇଥିବା ବେଳେ ଆର୍.ଏଲ୍.ଡି. ଗୋଟିଏରେ ଅଗ୍ରଣୀ ରହିଛି । ମଧ୍ୟପ୍ରଦେଶରେ କଂଗ୍ରେସ ବିଜୟପୁର ଆସନରେ ବିଜୟୀ ହୋଇଥିବା ବେଳେ ବୁଧନୀ ଆସନରେ ବିଜେପି ଅଗ୍ରଣୀ ରହିଛି । ସେହିଭଳି ରାଜସ୍ଥାନରେ ଅନୁଷ୍ଠିତ ଉପନିର୍ବାଚନରେ ମୋଟ୍ ୭ଟି ଆସନ ମଧ୍ୟରୁ ବିଜେପିକୁ ୫ଟି ମିଳିଛି । ଅନ୍ୟ ପକ୍ଷରେ କଂଗ୍ରେସ ଓ ଭାରତ ଆଦିବାସୀ ପାର୍ଟି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ସିକ୍କିମ୍‌ରେ ଶାସକ ଏସ୍.କେ.ଏମ୍. ପ୍ରାର୍ଥୀ ଦୁଇଟି ଆସନରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି ।

# ପିଏମ୍-ପୋଲ୍ ରେଜଲ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ.କୁ ଐତିହାସିକ ଜନାଦେଶ ମିଳିବା ପରେ ରାଜ୍ୟବାସୀଙ୍କୁ ବିଶେଷ କରି ଯୁବବର୍ଗ ଓ ମହିଳାଙ୍କ ପ୍ରତି କୃତିଜ୍ଞତା ଜଣାଇଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟବାସୀଙ୍କର ଏହି ସ୍ନେହ ଏବଂ ଭଲପାଇବା ଅତ୍ୟନ୍ତ ହୃଦୟସ୍ପର୍ଶୀ । ରାଜ୍ୟର ମହାୟୁତି ମେଣ୍ଟ ପକ୍ଷରୁ କରାଯାଇଥିବା ବିକାଶ ମୂଳକ କାର୍ଯ୍ୟ ତଥା ସୁଶାସନ ଯୋଗୁଁ ଏହି ଜନାଦେଶ ମିଳିଛି । ଆଗାମୀ ଦିନରେ ରାଜ୍ୟର ସାମଗ୍ରୀକ ବିକାଶ ଲାଗି ଏହି ମେଣ୍ଟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡରେ ବିଜେପିକୁ ସମର୍ଥନ ମିଳିଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ତଥା ରାଜ୍ୟର ବିକାଶ ଲାଗି କାର୍ଯ୍ୟ କରିବା ଦିଗରେ ବିଜେପି ସର୍ବଦା ପ୍ରଚେଷ୍ଟା ଜାରି ରଖିବ । ଏହି ନିର୍ବାଚନ ଫଳାଫଳ ଲାଗି ପ୍ରଧାନମନ୍ତ୍ରୀ ଜେ.ଏମ୍.ଏମ୍. ନେତୃତ୍ୱାଧୀନ ରାଜ୍ୟ ମେଣ୍ଟ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ଏନ୍.ଡି.ଏ. ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମ୍ପୃକ୍ତ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଗାମୀ ଦିନରେ ସେମାନଙ୍କର ସମସ୍ତ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା

ଦିଗରେ କେନ୍ଦ୍ର ସରକାର  ସମସ୍ତ ପଦକ୍ଷେପ ନେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ରାଷ୍ଟ୍ରପତି-ତେଗ୍ ବାହାଦୂର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ତେଗ୍ ବାହାଦୂରଙ୍କ ଶହିଦ୍ ଦିବସର ଅବ୍ୟବହିତ ପୂର୍ବରୁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏ ସମ୍ପର୍କରେ ଏକ ବାର୍ତ୍ତା ଦେଇ ରାଷ୍ଟ୍ରପତି କହିଛନ୍ତି, ଗୁରୁ ତେଗ୍ ବାହାଦୂର ମାନବିକତା ଏବଂ ଧର୍ମର ସୁରକ୍ଷା ଲାଗି ତାଙ୍କର ଜୀବନକୁ ଉତ୍ସର୍ଗ କରିଥିଲେ । ସେ ଜଣେ ମହାନ ଦେଶଭକ୍ତ ଓ ଆଧ୍ୟାତ୍ମିକ ମାର୍ଗଦର୍ଶକ ଥିଲେ । ସତ୍ୟ ଏବଂ ନ୍ୟାୟ ଲାଗି  ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବା ସହିତ ସମାଜରେ ଏକତା, ଶାନ୍ତି ଓ ପ୍ରେମର ବାର୍ତ୍ତା ପ୍ରଚାର କରିଥିଲେ । ନିଜ ଜୀବନରେ ଗୁରୁ ତେଗ୍ ବାହାଦୂରଙ୍କ ଜୀବନାଦର୍ଶ ଏବଂ ଉପଦେଶକୁ କାର୍ଯ୍ୟକାରୀ କରିବା ଲାଗି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଅବସରରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା

ହେବ ମନ୍ କି ବାତ୍ର ୧୧୬ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଅମିତ ଶାହା

ସମବାୟ କ୍ଷେତ୍ର ମାଧ୍ୟମରେ ଦେଶର କୋଟି କୋଟି କୃଷକଙ୍କର ଜୀବନଧାରଣ ଗୁଣବତ୍ତାକୁ ସମୃଦ୍ଧ କରିବା ଦିଗରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଜାତୀୟ ସମବାୟ ବିକାଶ ନିଗମ – ଏନ୍.ସି.ଡି.ସି.ର ୯୧ତମ ସାଧାରଣ ପରିଷଦ ବୈଠକରେ ଉଦ୍ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ସମବାୟ ଅଭିଯାନ ମାଧ୍ୟମରେ ଦେଶବାସୀଙ୍କର ଜୀବନଧାରଣ ଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ  ସରକାର ପ୍ରତିଶ୍ରୁତିବଦ୍ଧ । ସମବାୟ ମାଧ୍ୟମରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ମୋଦୀ ସରକାର କାର୍ଯ୍ୟ କରୁଛନ୍ତି

ଏବଂ ଏ ଦିଗରେ ଏନ୍.ସି.ଡି.ସି. ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ଶ୍ରୀ ଶାହା କହିଛନ୍ତି । ସମବାୟ ଅଭିଯାନ ଏବଂ ଏହି କ୍ଷେତ୍ର ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କର ଜୀବନଧାରଣରେ ରୂପାନ୍ତରିକରଣ ଦିଗରେ ଏନ୍.ସି.ଡି.ସି.ର ଅବଦାନକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହା ପ୍ରଶଂସା କରିଛନ୍ତି । ଗ୍ରାମାଞ୍ଚଳ ଅର୍ଥନୀତିର ଅଭିବୃଦ୍ଧି ଦିଗରେ ମଧ୍ୟ ଏନ୍.ସି.ଡି.ସି.ର ଭୂମିକା ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହାଛଡ଼ା ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ଦୁଗ୍ଧ ସମବାୟ ସଂଘ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ସେହିଭଳି ଦେଶରେ ଚିନି କଳ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଏକ ସମନ୍ୱିତ ୫ ବର୍ଷୀୟ ଆର୍ଥିକ ଯୋଜନା କାର୍ଯ୍ୟକାରୀ କରିବାର ପ୍ରସ୍ତାବ ସରକାରଙ୍କ ରହିଛି ବୋଲି କେନ୍ଦ୍ର ସମବାୟ ମନ୍ତ୍ରୀ କହିଛନ୍ତି ।

## ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତାକାଲି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ଆଗାମୀ ଶୀତକାଳୀନ ଅଧିବେଶନକୁ ସୁରୁଖୁରରେ ସମ୍ପାଦନ କରିବା ପାଇଁ ସରକାର ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନ ଲୋଡ଼ିବା ଲକ୍ଷ୍ୟରେ ଏହି ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ସଂସଦର ଶୀତକାଳୀନ ଅଧିବେଶନ

ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ ପାଇଁ ସଂସଦ ଅଧିବେଶନ ଅନୁଷ୍ଠିତ ହେବ ନାହିଁ ବୋଲି ଜଣାପଡ଼ିଛି।

# କ୍ରିକେଟ୍

ଅଷ୍ଟ୍ରେଲିଆର ପର୍ଥ ଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଓ୍ୱିକେଟ୍ ନ ହରାଇ ୧୭୨ରନ୍ କରିଛି । ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୯୦ ଓ କେ.ଏଲ୍. ରାହୁଲ ୬୨ରନ୍ କରି ଅପରାଜିତ ଅଛନ୍ତି । ଏଥିସହିତ ଭାରତ ବର୍ତ୍ତମାନ ସୁଦ୍ଧା ୨୧୮ରନ୍‌ରେ ଆଗୁଆ ରହିଛି ।

ପୂର୍ବରୁ ଘରୋଇ ଦଳ ତାଙ୍କର ପ୍ରଥମ ଇନିଂସରେ ପୂର୍ବ ଦିନର ସ୍କୋର ୭ ଓ୍ୱିକେଟ୍‌ରେ ୬୭ରନ୍‌ରୁ ଆଜି ଖେଳ ଆରମ୍ଭ କରିଥିଲେ । ତେବେ ଲଞ୍ଚ୍ ବେଳକୁ ସେମାନେ ୧୦୪ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲେ । ଭାରତ ଅଧିନାୟକ ଯଶପ୍ରୀତ ବୁମ୍‌ରା ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ହର୍ଷିତ ରାଣା ୩ଟି ଓ ମହମ୍ମଦ ସିରାଜ୍ ୨ଟି ଓ୍ୱିକେଟ୍ ନେଇଛନ୍ତି ।